# NATIONAL NEWS BULLETIN (ODIA)
## 22nd March - 2026
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚସ୍ତରୀୟ ବୈଠକରେ ପେଟ୍ରୋଲ୍, ଅଶୋଧିତ ତୈଳ ଓ ଗ୍ୟାସ୍ ସ୍ଥିତି ନେଇ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।
- କାରାଗାରଗୁଡ଼ିକର ସଦ୍ୟତମ ତଥ୍ୟ ମେ ୧୮ ସୁଦ୍ଧା ପ୍ରଦାନ ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ।
- ଆସାମ, କେରଳମ୍ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ଶେଷ ହେବ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ।
- ବାଂଲାଦେଶରେ ଟ୍ରେନ୍-ବସ୍ ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ।

ଏବଂ

- ଦେଶର ୧୫ କୋଟି ଗ୍ରାମୀଣ ପରିବାରକୁ ମିଳୁଛି ପାଇପ୍ ଯୋଗେ ଜଳ ଯୋଗାଣ ।

## ପି.ଏମ୍. - ୱେଷ୍ଟ ଏସିଆ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପେଟ୍ରୋଲ୍, ଅଶୋଧିତ ତୈଳ, ଗ୍ୟାସ୍, ଶକ୍ତି ଏବଂ ସାର ପରିସ୍ଥିତିର ସମୀକ୍ଷା କରାଯାଇଛି । ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବୈଠକର ଆୟୋଜନ କରାଯାଇଥିଲା । ଦେଶରେ ନିରନ୍ତର ଶକ୍ତିଯୋଗାଣ ଏବଂ ପର୍ଯ୍ୟାପ୍ତ ଇନ୍ଧନ ବଣ୍ଟନ ପ୍ରକ୍ରିୟା ସୁନିଶ୍ଚିତ କରିବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଏସ୍.ସି. -ପ୍ରିଜନ୍ କଣ୍ଡିସନ୍ସ

ସୁପ୍ରିମ୍‌କୋର୍ଟ ଆସନ୍ତା ମେ’ ୧୮ ତାରିଖ ସୁଦ୍ଧା କାରାଗାର ପରିସ୍ଥିତି ସମ୍ପର୍କରେ ସଦ୍ୟତମ ତଥ୍ୟ ପ୍ରଦାନ ଲାଗି ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କାରାଗାରଗୁଡ଼ିକରେ କଏଦୀମାନଙ୍କ ରହିବା ନିମନ୍ତେ ଅନୁମୋଦିତ କ୍ଷମତା ଏବଂ ଏ ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନପାଇଁ କୁହାଯାଇଛି । ବିଚାରପତି ଜଷ୍ଟିସ୍ ବିକ୍ରମନାଥ ଏବଂ ଜଷ୍ଟିସ୍ ସନ୍ଦୀପ୍ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ମହିଳା କାରାଗାର ସଂଖ୍ୟା ଏବଂ ସେଗୁଡ଼ିକରେ ଥିବା ସମସ୍ତ ସୁବିଧା ସମ୍ପର୍କରେ ମାଗିଛନ୍ତି । କାରାଗାରରେ ଥିବା ମହିଳା କଏଦୀମାନଙ୍କର ଶିଶୁଙ୍କ ଶିକ୍ଷା ଏବଂ ଜନକଲ୍ୟାଣକାରୀ ପଦକ୍ଷେପ ଉପରେ ମଧ୍ଯ ତଥ୍ୟ ମାଗିଥିଲେ । ଅଦାଲଦ ପକ୍ଷରୁ ଚଳିତ ମାସ ପହିଲା ସୁଦ୍ଧା କାରାଗାରରେ ଥିବା କଏଦୀମାନଙ୍କ ସଂଖ୍ୟାର ସଦ୍ୟତମ ସ୍ଥିତି ଦର୍ଶାଇବାକୁ କୁହାଯାଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ମାସ ୨୬ ତାରିଖରେ ହେବାପାଇଁ ଧାର୍ଯ୍ୟ କରାଯାଇଛି । ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲ୍‌ଙ୍କ ପକ୍ଷରୁ କାରାଗାର ଅବସ୍ଥା ସମ୍ପର୍କରେ ଏକ ସ୍ୱତଃ ମାମଲା ରୁଜୁ କରାଯିବା ପରେ ଅଦାଲତଙ୍କ ପକ୍ଷରୁ ଏପରି ନିର୍ଦ୍ଦେଶ ଦିଆଯାଇଛି ।

## ଭି.ପି. - ନେଚରୋପାଥି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଯୋଗ ଏବଂ ଆୟୁର୍ବେଦ ଭଳି ଦେଶର ପାରମ୍ପରିକ ଚିକିତ୍ସା ବ୍ୟବସ୍ଥା ବିଶ୍ୱମାନ୍ୟତା ଲାଭ କରିଛି । ଏହି ଚିକିତ୍ସା ପଦ୍ଧତିକୁ ଗୌଣ ବିବେଚନା କରିବା ଉଚିତ ନୁହେଁ । ଏହା ଉଭୟ ଶାରୀରିକ ଏବଂ ମାନସିକ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ । ମହାରାଷ୍ଟ୍ରର ପୁଣେର ଉରୁଳି କାଞ୍ଚନଠାରେ ନେଚରୋପାଥି ଆଶ୍ରମର ୮୧ତମ ବାର୍ଷିକ ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି । ଉପରାଷ୍ଟ୍ରପତି' ପ୍ରାକୃତିକ ଭାବେ ଜୀବନଶୈଳୀ ନିର୍ବାହ କରିବା ସହ ପ୍ରକୃତିର ଘନିଷ୍ଠ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଭେଷଜ କ୍ଷେତ୍ରରେ ପାରମ୍ପରିକ ବ୍ୟବସ୍ଥାର ଉନ୍ନତିପାଇଁ ଆୟୁଷ ମନ୍ତ୍ରଣାଳୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅଧିକ ସୁଦୃଢ଼ କରିଛନ୍ତି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍' ଡକ୍ଟର ଏନ୍.ଜି. ହେଗ୍‌ଡେଙ୍କଦ୍ୱାରା ଲିଖିତ 'ସିକ୍ରେଟ୍ ଅଫ୍ ହାପିନେସ୍' ପୁସ୍ତକ ଉନ୍ମୋଚନ କରିଛନ୍ତି ।

## ଗଡ଼କରୀ - ଫାର୍ମର୍ସ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି କହିଛନ୍ତି, ଭାରତୀୟ କୃଷକମାନଙ୍କ ନିକଟରେ ଇନ୍ଧନ ଏବଂ ଶକ୍ତି ଉତ୍ପାଦନର ସାମର୍ଥ୍ୟ

ରହିଛି । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଭାରତୀୟ ତୈଳ ନିଗମଗୁଡ଼ିକ ସହ ସରକାର ମିଳିତ ଭାବେ କାର୍ଯ୍ୟକରି ଧାନକୁଟାରୁ ୧ ଲକ୍ଷ ଲିଟର ଇଥାନଲ୍, ୧୫୦ ଟନ୍ ଜୈବ-ବିଟୁମେନ୍ ଏବଂ ପ୍ରାୟ ୭୮ ହଜାର ଟନ୍ ବିମାନ ଇନ୍ଧନ ଉତ୍ପାଦନ କରିଛନ୍ତି । ଦେଶରେ ଜୈବ-ପ୍ରଯୁକ୍ତିବିଦ୍ୟା ବ୍ୟବହାରଦ୍ୱାରା ଡିଜେଲ୍ ଆମଦାନୀର ଆବଶ୍ୟକତା ହ୍ରାସ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

## କାତାର - ଚପ୍ପର କ୍ରାସ୍

କାତାର୍‌ର ତଟବର୍ତ୍ତୀ ଜଳପଥ ଅଞ୍ଚଳରେ ଏକ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ସେଠାକାର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏପର୍ଯ୍ୟନ୍ତ ସେଠାରେ ୬ଟି ମୃତଦେହ ଉଦ୍ଧାର କରାଯାଇଛି । ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିବାପାଇଁ ତଲାସୀ କାର୍ଯ୍ୟ ଜାରି ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ହେଲିକପ୍ଟରଟି ନିୟମିତ ଉଡ଼ାଣ ସମୟରେ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କର୍ତ୍ତୃପକ୍ଷଙ୍କ ପକ୍ଷରୁ ହେଲିକପ୍ଟରେ ଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସବିଶେଷ ପରିଚୟ ପ୍ରକାଶ କରାଯାଇ ନାହିଁ ।

# ନୋମିନେସନ୍ସ - ଆସେମ୍ବ୍ଲି ପୋଲ୍ସ୍

ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଆସନ୍ତାକାଲି ସନ୍ଧ୍ୟାରେ ବିଧାନସଭା ନିର୍ବାଚନପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହେବ । ଆସନ୍ତାମାସ ୯ ତାରିଖରେ ଏହି ଦୁଇଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଅନୁଷ୍ଠିତ ବେହ । ଆସନ୍ତା ମଙ୍ଗଳବାର ମନୋନୟନ ପତ୍ରଗୁଡ଼ିକୁ ଯାଞ୍ଚ୍ କରାଯିବ । ଆସନ୍ତା ୨୬ ତାରିଖ ପ୍ରାର୍ଥପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ହେବାକୁ ଥିବା ଉପନିର୍ବାଚନପାଇଁ ମଧ୍ୟ ଏହି ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ କରାଯିବ ।

ତାମିଲ୍‌ନାଡୁରେ ଏପ୍ରିଲ୍ ମାସ ୨୩ ତାରିଖରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୨ଟି ପର୍ଯ୍ୟାୟରେ ଏପ୍ରିଲ୍ ୨୩ ଏବଂ ୨୯ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଚଳିତ ମାସ ୩୦ ତାରିଖରେ ତାମିଲନାଡୁପାଇଁ ଏବଂ ପଶ୍ଚିମବଙ୍ଗ ବିଧାନସଭାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯିବ । ଆସନ୍ତାମାସ ୨ ତାରିଖରେ ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ସମସ୍ତ ୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ୍‌ଗଣନା କାର୍ଯ୍ୟ ମେ ମାସ ୪ ତାରିଖରେ ଅନୁଷ୍ଠିତ ହେବ ।

କେରଳର ସମସ୍ତ ୧୪୦ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି । ଏଥିସହ ରାଜ୍ୟବ୍ୟାପୀ ନିର୍ବାଚନ ପ୍ରଚାର ମଧ୍ୟ କ୍ରମଶଃ ଜୋର୍ ଧରୁଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକାର୍ଯ୍ୟରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଭୋଟର ତାଲିକାରେ ନୂତନ ଭାବେ ନାମ ଯୋଡ଼ିବା ପାଇଁ ଆସନ୍ତାକାଲି ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ବାଂଲାଦେଶ - ଟ୍ରେନ୍ କୋଲିଜନ୍

ବାଂଲାଦେଶର କୁମିଲାଠାରେ ଆଜି ଏକ ଲେବୁଲ୍ କ୍ରସିଂଠାରେ ଗୋଟିଏ ଯାତ୍ରୀବାହୀ ବସ୍ ସହ ଟ୍ରେନ୍‌ର ଧକ୍କା ହେବା ଫଳରେ ୧୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । କୁମିଲାର କୁଡୁଆ ବଜାର ଲେବୁଲ୍ କ୍ରସିଂଠାରେ ଢାକା ଯାତ୍ରା କରୁଥିବା ଏକ ଟ୍ରେନ୍ ସହ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳକୁ ପୁଲିସ୍, ଅଗ୍ନିଶମ କର୍ମଚାରୀ, ସେନା କର୍ମଚାରୀ ଯାଇ ଉଦ୍ଧାର କାର୍ଯ୍ୟ କରିଥିଲେ । ଆହତମାନଙ୍କୁ କୁମିଲା ମେଡିକାଲ୍ କଲେଜ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଟ୍ରେନ୍ ଯାତ୍ରା କରୁଥିବା ଢାକା-ଚଟ୍ଟଗ୍ରାମ ରାସ୍ତା ୩ ଘଣ୍ଟାପାଇଁ ବନ୍ଦ ରହିଥିଲା । କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୁର୍ଘଟଣାର ତଦନ୍ତ ଲାଗି ଏକ କମିଟି

ଗଠନ କରାଯାଇଛି । ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରପାଇଁ ୧ ଲକ୍ଷ ଟାକା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

## କାତାର - ଚପ୍ପର କ୍ରାସ୍

କାତାର୍‌ର ତଟବର୍ତ୍ତୀ ଜଳପଥ ଅଞ୍ଚଳରେ ଏକ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ସେଠାକାର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏପର୍ଯ୍ୟନ୍ତ ସେଠାରେ ୬ଟି ମୃତଦେହ ଉଦ୍ଧାର କରାଯାଇଛି । ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିବାପାଇଁ ତଲାସୀ କାର୍ଯ୍ୟ ଜାରି ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ହେଲିକପ୍ଟରଟି ନିୟମିତ ଉଡ଼ାଣ ସମୟରେ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କର୍ତ୍ତୃପକ୍ଷଙ୍କ ପକ୍ଷରୁ ହେଲିକପ୍ଟରରେ ଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସବିଶେଷ ପରିଚୟ ପ୍ରକାଶ କରାଯାଇ ନାହିଁ ।

## ଜଳ ମହୋତ୍ସବ - ସି.ଆର୍. ପାଟିଲ୍

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଆଜି କହିଛନ୍ତି, ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ୧୫ କୋଟି ଗ୍ରାମୀଣ ପରିବାରଙ୍କ ନିକଟରେ

ପହଞ୍ଚିପାରିଛି । ଏହା ସ୍ୱାସ୍ଥ୍ୟର ଉନ୍ନତି, ଜୀବନଶୈଳୀ ମାନ ବୃଦ୍ଧି ଏବଂ ମହିଳାଙ୍କ ସମ୍ମାନ ବୃଦ୍ଧିରେ ସହାୟକ ହୋଇପାରିଛି ।  ଜଳ ମହୋତ୍ସବ-୨୦୨୬ର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସୁଜଳ ଗ୍ରାମ ସମ୍ବାଦରେ ମନ୍ତ୍ରୀ ଶ୍ରୀ ପାଟିଲ୍ ଆଭାସୀ ମାଧ୍ୟମରେ ୫ଟି ରାଜ୍ୟର ଅଂଶୀଦାରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଛନ୍ତି, ଦେଶବ୍ୟାପୀ ଜନ ଭାଗିଦାରୀ ଆନ୍ଦୋଳନ, ଗୋଷ୍ଠୀ ବୈଠକ, ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଜଳ ମହୋତ୍ସବର ଆୟୋଜନ କରାଯାଉଛି । ଜଳ ସଂରକ୍ଷଣ ଏବଂ ପାନୀୟ ଜଳ ସେବା ନିରନ୍ତର ମିଳିତ ଦାୟିତ୍ୱ ବୋଲି ଶ୍ରୀ ପାଟିଲ୍ ଗୁରୁତ୍ୱାରୋପ କରିଛନ୍ତି । ଏହା କେବଳ ଅଭିଯାନ ଅବଧି ମଧ୍ୟରେ ସୀମିତ ନ ରହି ନିରନ୍ତର ଜାରି ରହିବା ଉଚିତ । ବୈଠକରେ ଉତ୍ତରାଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ହରିୟାଣା ଅଂଶଗହଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାଟିଲ୍ ଜଳ ଜୀବନ ମିଶନ-୨.୦ର ମାର୍ଗଦର୍ଶିକା ଉନ୍ମୋଚନ କରିଥିଲେ । ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଦୀର୍ଘମିଆଦୀ ଭାବେ ପର୍ଯ୍ୟାପ୍ତ ଓ ସୁରକ୍ଷିତ ପାନୀୟ ଯୋଗାଣକୁ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ ରହିଛି ।

## ମାଇନ୍ସ ଅକ୍ସନ

ଦେଶର ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ବ୍ଲକଗୁଡ଼ିକର ନିଲାମ ପ୍ରକ୍ରିୟାର ସପ୍ତମ ପର୍ଯ୍ୟାୟ ଆସନ୍ତାକାଲି ଆରମ୍ଭ ହେବ । କୋଇଲା ଓ ଖଣି

ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହାର ଶୁଭାରମ୍ଭ କରିବେ । ଏହି ପର୍ଯ୍ୟାୟରେ ଖଣି ଲିଜ୍ ଏବଂ କମ୍ପୋଜିଟ୍ ଲାଇସେନ୍ସ ଅଧୀନରେ ବିଭିନ୍ନ ରାଜ୍ୟର ୧୯ଟି ବ୍ଲକର ନିଲାମ କରାଯିବ । ଖଣି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ଅନ୍‌ଲାଇନ୍ ମାଧ୍ୟମରେ ଏହାକୁ କରାଯିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ଅନୁଷ୍ଠିତ ୬ଟି ପର୍ଯ୍ୟାୟରେ ୪୬ଟି ଖଣିଜ ବ୍ଲକର ନିଲାମ ହୋଇସାରିଛି ।

## ପାକ୍ - ଟେରରିଜମ୍ ଇଣ୍ଡେକ୍ସ

ବିଶ୍ୱ ସନ୍ତ୍ରାସବାଦୀ ସୂଚୀ ତାଲିକାରେ ପାକିସ୍ତାନ ଶୀର୍ଷରେ ରହିଛି । ପାକିସ୍ତାନରେ ଗତବର୍ଷ ଆତଙ୍କବାଦୀଜନିତ ମୃତ୍ୟୁ ୬ ପ୍ରତିଶତ ବୃଦ୍ଧି ଘଟିଥିବା ସୂଚନା ମିଳିଛି । ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ ଆଣ୍ଡ ପିସ୍ - ଆଇ.ଇ.ପି. ପକ୍ଷରୁ ପ୍ରକାଶିତ ବିଶ୍ୱ ଆତଙ୍କବାଦୀ ସୂଚୀ-୨୦୨୬ ଅନୁଯାୟୀ ୨୦୧୩ ମସିହା ପରଠାରୁ ପାକିସ୍ତାନରେ ସର୍ବାଧିକ ୧ ହଜାର ୧୩୯ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା । ୨୦୨୫ ମସିହାରେ ୧ ହଜାର ୪୫ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହୋଇଥିଲା । ୧୬୩ଟି ରାଷ୍ଟ୍ରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

*****